I.C.D.S **<u>ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ସୋନପୁର</u>** I.C.D.S

## ବିଜ୍ଞାପନ

**ସଂଖ୍ୟା** ୬୬୧ **ତାରିଖ** ୧୮.୦୫.୨୦୨୫

ଏତଦ୍ଦ୍ୱାରା ନିମ୍ନଲିଖିତ *ଓ ନିମ୍ନ ପ୍ରଦତ୍ତ* ପୌରପରିଷଦ , ସୁବର୍ଣ୍ଣପୁର ଅନ୍ତର୍ଗତ ପୌରପରିଷଦ ର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ,ମହିଳା ଓ ଶିଶୁ ବିକାଶ ବିଭାଗ ଓଡିଶାଙ୍କ ନିୟମାବଳୀ ଚିଠି ସଂଖ୍ୟା WCD-ICDS-G-MISC-0033-2022 4970 /WCD, Date: 15/03/2023 ରିଖ ପ୍ରକାରରେ ନିମ୍ନ ଲିଖିତ ପୌରପରିଷଦ ରେ ଅଙ୍ଗନୱାଡି କେନ୍ଦ୍ର ସକାଶେ "ଅଙ୍ଗନୱାଡି ସାହାର୍ଯ୍ୟକାରିଣୀ "ପଦବୀ ନିଯୁକ୍ତି ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି।ଏଣୁ ଆଗ୍ରହି ମହିଳା ପ୍ରାର୍ଥିନୀମାନେ ଅନଲାଇନ ମାଧ୍ୟମରେ ଆବେଦନ ଫର୍ମରେ ସଠିକ ଭାବେ ପୂରଣ କରି ଆସନ୍ତା ତା-୨୦ .୦୫.୨୦୨୬ ରିଖ ଠାରୁ ତା-୦୩ .୦୬.୨୦୨୬ ରିଖ ପର୍ଯ୍ୟନ୍ତ ଅନଲାଇନ ମାଧ୍ୟମରେ ଆବେଦନ କରିବେ।(Website–https://engagement-awc.odisha.gov.in) ଆବେଦନକାରୀ ସମସ୍ତ ଶିକ୍ଷାଗତ ଯୋଗ୍ୟତା ଜାତି ଗତ , ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ର, ଇତ୍ୟାଦିର ମୂଳ ପ୍ରମାଣପତ୍ର ଦାଖଲ କରି ଅନଲାଇନ ମାଧ୍ୟମରେ ଆବେଦନ କରିବେ।ଅସମ୍ପୂର୍ଣ୍ଣ ଭାବେ ପୂରଣ କରାଯାଇଥିବା ଆବେଦନ ପତ୍ର ଏବଂ ତ୍ରୁଟିଯୁକ୍ତ ଭାବେ ପୂରଣ କରାଯାଇ ଥିବା ଆବେଦନ ପତ୍ର ଗୁଡିକୁ ପ୍ରମାଣ ପତ୍ର ଯାଞ୍ଚ କରାଯିବା ଦିନ ରଦ୍ଦ କରାଯିବ।

ଆବେଦନକାରୀଙ୍କ ନିମ୍ନଲିଖିତ ଯୋଗ୍ୟତା ଥିବା ଆବଶ୍ୟକ-:

୧- ଆବେଦନକାରୀ କେବଳ ମହିଳା ଶ୍ରେଣୀ ଓ ସମ୍ପୃକ୍ତ ପୌରପରିଷଦର କେନ୍ଦ୍ର ପରିସୀମାର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ।

୨- ପ୍ରାର୍ଥିନୀଙ୍କ ବୟସ ତା-୦୧.୦୧.୨୦୨୬ ରିଖ ସୁଦ୍ଧା ୧୮ ବର୍ଷରୁ କମ କିମ୍ବା ୩୫ ବର୍ଷରୁ ଉର୍ଦ୍ଧ୍ୱ ହୋଇ ନଥିବ।

୩- ଅଙ୍ଗନୱାଡି କେନ୍ଦ୍ର ପାଇଁ ଆବେଦନ କରିଥିବା ପ୍ରାର୍ଥିନୀ ସ୍ୱୀକୃତିପ୍ରାପ୍ତ ଉଚ୍ଚବିଦ୍ୟାଳୟରୁ ଅନ୍ୟୁନ ଦ୍ୱାଦଶ(+2 ) କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ।

୪- ପ୍ରାର୍ଥିନୀଙ୍କ ପାଇଁ ଓଡିଆରେ ଲେଖି ପଢି ଓ କହି ପାରୁଥିବା ବାଧ୍ୟତାମୂଳକ ଅଟେ,।ଯେଉଁ ମାନେ ଇଂରାଜୀ ମାଧ୍ୟମରେ ଶିକ୍ଷା ଗ୍ରହଣ କରିଥିବେ ସେମାନଙ୍କର ସପ୍ତମ Standard ରେ ଓଡିଆ Pass କରିଥିବା ପ୍ରମାଣ ପତ୍ର ଦାଖଲ କରିବେ ।

୫- ସ୍ଥାୟୀ ବାସିନ୍ଦା ଓ ଜାତିଗତ ପ୍ରମାଣ ପତ୍ର ସମ୍ପୃକ୍ତ ତହସିଲଦାରଙ୍କ ଦ୍ୱାରା ପ୍ରଦତ୍ତ ହୋଇଥିଲେ ତାହା ଗ୍ରହଣୀୟ ଅଟେ।

୬ – ଆବେଦନ ଫର୍ମରେ ନିଜର ଏକପାସ ପୋର୍ଟ ସାଇଜ ଫଟୋ ଲଗାଇବେ।

୭- ଅନାଥ, ବିଧବା, ଭିନ୍ନକ୍ଷମ, ଅସହାୟ, ଛାଡପତ୍ର ପାଇ ଥିବା ମହିଳା , ପରିତ୍ୟକ୍ତ, ତଫସିଲ ଭୁକ୍ତଜାତି/ଜନ ଜାତି, ଉଚ୍ଚଶିକ୍ଷାଗତ ଯୋଗ୍ୟତା ହୋଇଥିଲେ ପ୍ରାର୍ଥିନୀ ସିକୃତି ପ୍ରାପ୍ତ ଅଧିକାରୀଙ୍କଠାରୁ ପ୍ରମାଣ ପତ୍ର ଦାଖଲ କରିବେ।

୮– ଆବେଦନକାରୀମାନଙ୍କୁ ଜଣାଇ ଦିଆଯାଉଅଛି କି ଆସନ୍ତା ତା-୨୦.୦୫.୨୦୨୬ ରିଖ ଠାରୁ ତା-୦୩ .୦୬.୨୦୨୬ ରିଖ ପର୍ଯ୍ୟନ୍ତ ଉପରୋକ୍ତ ସମସ୍ତ ପ୍ରମାଣ ପତ୍ର ଦେଇ ଅନଲାଇନ ମାଧ୍ୟମରେ ଆବେଦନ କରିବେ।

୯ - ଆସନ୍ତା **୦୪.୦୬.୨୦୨୬** ଦିବା ୦୮ .୦୦ ଘଣ୍ଟା ସମୟରେ ଅବେଦନକାରିଣୀମାନେ ମୂଳ ପ୍ରମାଣ ପତ୍ର ସହିତ ଶିଶୁବିକାଶ କାର୍ଯ୍ୟାଳୟରେ ଅନଲାଇନ ମାଧ୍ୟମରେ ଦାଖଲ କରିଥିବା ପ୍ରମାଣ ପତ୍ରର ଯାଞ୍ଚ ପାଇଁ ଉପସ୍ଥିତ ରହିବେ ଓ ଯେଉଁ ମାନେ ଅନୁପସ୍ଥିତ ରହିବେ ସେମାନଙ୍କର ପ୍ରାର୍ଥୀତ୍ଵ ରଦ୍ଦ ହେବ ।

ବି:ଦ୍ର-୧- ଅନଲାଇନ ଆବେଦନ କାରିଣୀ ଦାଖଲ କରିଥିବା ଯେକୌଣସି ପ୍ରମାଣ ପତ୍ର ମିଥ୍ୟା ପ୍ରମାଣ ହେଲେ ତାଙ୍କର ପ୍ରାର୍ଥିତ୍ଵ ନାକଚ ହେବା ସହିତ ଆଇନ ଅନୁଯାୟୀ ଦଣ୍ଡନୀୟ ହେବେ।

<u>ଅଙ୍ଗନୱାଡି କେନ୍ଦ୍ରର ତାଲିକା</u>

| କ୍ରମିକନମ୍ବର | ୱାର୍ଡ ନମ୍ବର | ଖାଲି ପଡିଥିବା ଅଙ୍ଗନୱାଡି କେନ୍ଦ୍ରର ନାମ | ସମ୍ପୃକ୍ତ କେନ୍ଦ୍ର ପାଇଁ ଅଞ୍ଚଳର ମହିଳାମାନେ ଆବେଦନ କରି ପାରିବେ (ସର୍ଭେ ପରିସୀମା ଭିତରେ ) |
|---|---|---|---|
| ୧. | ୦୮ | ରାମ ମନ୍ଦିର ବାମ | ସ୍ନେହଲତା ପାଢୀ ଙ୍କ ଘର ଠାରୁ ବିସିକେସନ ଗୁରୁ ଙ୍କ ଘର ପର୍ଯ୍ୟନ୍ତ |
| ୨. | ୧୦ | ଠାକୁରାଣୀ ପଡା | ଦୁସାସନ ମିଶ୍ର ଙ୍କ ଘର ଠାରୁ ମନୋଜ କୁମାର ଚାନ୍ଦ ଙ୍କ ଘର ପର୍ଯ୍ୟନ୍ତ |

ପରିପତ୍ର ସଂଖ୍ୟା ୬୬୨ ତାରିଖ ୧୨.୦୫.୨୦୨୬

ଏହାର ଏକକିତା ନକଲ ସମ୍ପୃକ୍ତ ପୌରପରିଷଦ ର ୱାର୍ଡ ନମ୍ବର(୦୮ , ୧୦) ରାମ ମନ୍ଦିର ବାମ ଓ ଠାକୁରାଣୀ ପଡା / କାର୍ଯ୍ୟନିର୍ବାହୀ ଅଧିକାରୀ ପୌରପରିଷଦ କାର୍ଯ୍ୟାଳୟ ,ସୁବର୍ଣ୍ଣପୁର /ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ସୋନପୁରଙ୍କ ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଛାପିବା ପାଇଁ ପ୍ରେରଣ କରାଗଲା।

ସ୍ଵାକ୍ଷରିତ/-
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,ସୋନପୁର

ପରିପତ୍ର ସଂଖ୍ୟା ୬୬୩ ତାରିଖ ୧୨.୦୫.୨୦୨୬

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ,ସୋନପୁର,/ କାର୍ଯ୍ୟନିର୍ବାହୀ ଅଧିକାରୀ ପୌରପରିଷଦ କାର୍ଯ୍ୟାଳୟ ,ସୁବର୍ଣ୍ଣପୁର ,ତହସିଲଦାର ସୋନପୁର ,ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ସୁବର୍ଣ୍ଣପୁରଙ୍କ ଅବଗତି ତଥା ବିଧିକାର୍ଯ୍ୟ ନିମନ୍ତେ ପ୍ରେରଣ କରାଗଲା।

ସ୍ଵାକ୍ଷରିତ/-
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,ସୋନପୁର

ପରିପତ୍ର ସଂଖ୍ୟା ୬୬୪ ତାରିଖ ୧୨.୦୫.୨୦୨୬

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ସୁବର୍ଣ୍ଣପୁରଙ୍କ ଅଧକ୍ଷ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ଅନୁରୋଧ କରାଗଲା ଯେ, ଏହି ବିଜ୍ଞାପନରେ ସଂଲଗ୍ନ କରିବାକୁ ଅନୁରୋଧ।

ସ୍ଵାକ୍ଷରିତ/-
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,ସୋନପୁର